# ତହସିଲଦାର କିଶନନଗରଙ୍କ କାର୍ଯ୍ୟାଳୟ

ପତ୍ର ସଂଖ୍ୟା 1968 ତାରିଖ 10.9.2020

## ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦୀ ଲିଜ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କିଶନନଗର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷଠାରୁ ୨୦୨୪ -୨୦୨୫ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଗ୍ରହଣ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ଅନୁଯାୟୀ FORM-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ Registered Post/Speed Post ଜରିଆରେ ତହସିଲଦାର କିଶନନଗରଙ୍କ ଠିକଣାରେ ଆସନ୍ତା ତା ୦୫ .୧୦ .୨୦୨୦ ରିଖ ଠାରୁ ଧାର୍ଯ୍ୟ ନିଲାମ ତାରିଖର ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ କରିପାରିବେ କିମ୍ବା ଦରଖାସ୍ତକାରୀ ସିଧାସଳଖ (ଛୁଟି ଦିନ ବ୍ୟତୀତ) ତହସିଲରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଜଉମୁଦ ଲଫାପା ପକାଇ ପାରିବେ। ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସାଇରାତ କେସର କ୍ରମିକ ସଂଖ୍ୟା ଲେଖା ଥିବା ଆବଶ୍ୟକ। ନିଲାମ ଧାର୍ଯ୍ୟ ତାରିଖର ଅପରାହ୍ନ ୨ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମ କୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ କଟକଙ୍କ ଅଧିକାର ରହିଅଛି। ତା ୦୫ .୧୦.୨୦୨୦ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ। ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ହୋଇନପାରେ ତେବେ ତା ୧୫.୧୦ .୨୦୨୦ ର ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post/Speed Post /ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ। ସେହିପରି ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇପାରେ ତେବେ ତା ୨୭.୧୦ .୨୦୨୦ ର ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post/Speed Post /ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ। ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନ(ବାଲି ସଇରାତ ଉତ୍ସ )ର ବିସ୍ତୃତ ବିବରଣୀ Annexure-I ରେ ଦିଆଯାଇଅଛି।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ ଓ ସର୍ତ୍ତାବଳୀ

୧ . ଦରଖାସ୍ତ ପାଉଣା ବାବଦ ଟ. ୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (ଫେରସ୍ତ ଦିଆଯିବ ନାହିଁ) । (Head of Account-0853 Non-Ferrous Mining and Metallurgical Industries-102 Mineral Concession Fees, Rents & Royalties).

୨ . ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩ . ସଇରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୪ . ଆବେଦନକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା ୫% ହାରରେ ଧାର୍ଯ୍ୟ ହୋଇଥିବା ବାଲିର ପରିମାଣ ଉପରେ ଦେବାକୁଥିବା ଅମାନତରାଶି (Earnest Money) ଡିମାଣ୍ଡ ଡ୍ରାଫ୍ଟ ଆକାରରେ ତହସିଲଦାର କିଶନନଗରଙ୍କ ନାମରେ ପଇଠ କରିବେ ।

୫ . ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନସି ସାର୍ଟିଫିକେଟ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁଯାୟୀ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ ଠାରୁ କମ ହୋଇନଥିବ ଓ ଏଥି ସହିତ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

୬ . ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ (www.cuttack.nic.in) ରେ ଉପଲବ୍ଧ ହେବ ।

## ସର୍ତ୍ତାବଳୀ

1.ଆବେଦନକାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬(OMMC Rule-2016) ର ପରିସର ଭୁକ୍ତ ରହିବେ । ତେଣୁ ଲିଜ ଆବେଦନ ପୂର୍ବରୁ OMMC Rule-2016 କୁ ଭଲଭାବେ ପଢି ନିଅନ୍ତୁ।

2.ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀ ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ। ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ଅତିରିକ୍ତ ମୂଲ୍ୟ ପ୍ରଦାନ କରିଥିବେ ତେବେ ତେବେ ଲଟେରୀ ମାଧ୍ୟମ ରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

3.ମାଇନିଙ୍ଗ ସ୍ଥାନ ରେ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀ ଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି (@Rs 35/cum) ପଇଠ କରିବେ। ଏଥିସହିତ ଜିଲ୍ଲା ମିନେରାଲ ଫାଉଣ୍ଡେଶନ ଦେୟ(DMFF) ରୟାଲିଟି ଏବଂ ଅତିରିକ୍ତ ଦେୟ ର ୧୦% ହିସାବରେ ,Environmental Management Fund(EMF) @ ୫% ହିସାବ ରେ, ଧାର୍ଯ୍ୟ Surface Rent, Dead Rent ମଧ୍ୟ ପଇଠ କରିବାକୁ ହେବ। ଉପୋରୋକ୍ତ ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ରେଜିଷ୍ଟ୍ରେଶନ ଆକ୍ଟ -୧୯୦୮ ଓ ଷ୍ଟାମ୍ପ ଆକ୍ଟ-୧୮୯୯ ଅନୁଯାୟୀ ଚୁକ୍ତିପତ୍ର(Lease Deed) ସମ୍ପାଦନ କରିବେ ଓ ତତ୍ପରେ ଖାଦାନ ପରିଚାଳନା କରିବେ।

4.ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ(Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନକରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ସର୍ବାଧିକ ଅତିରିକ୍ତ ଦେୟ(Additional Charge) ମୂଲ୍ୟାଙ୍କ କରିଥିବା ନିଲାମଧାରୀ ଙ୍କୁ ସୁଯୋଗ ଦିଆଯିବ ।

5.ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ(Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଦ୍ଵାରା ପ୍ରଦାନ କରାଯାଉଥିବା ଅର୍ଥରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ ହୋଇଥାଏ , ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅବଗତି କ୍ରମେ ନୂତନ ରୂପେ ନିଲାମ କରାଯିବ।

6.ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାର ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା Surface Rent, Dead Rent ଓ Royalty ପଇଠ କରିବେ।

7.ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ଦରଖାସ୍ତଟିକୁ ବିଚାର କୁ ନିଆଯିବ ନାହିଁ।

8.କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ଫର୍ମ-F ପାଇବାର ୧୫ ଦିନ ମଧ୍ୟରେ ଧାର୍ଯ୍ୟ Interest Free Security Deposit (OMMC Rule-2016 ଧାରା ୨୭(୭) ମୁତାବକ) ପଇଠ କରିବେ , ଯାହାକି ଲିଜ ଅବଧି ପୂରଣ ହେବାପରେ (ଯଦି ନିଲାମଧାରୀ ସମସ୍ତ ସର୍ତ୍ତାବଳୀ ଓ ନିୟମ ଅନୁଯାୟୀ କାର୍ଯ୍ୟ କରିଥାନ୍ତି) ତାଙ୍କୁ ଫେରସ୍ତ ଦିଆଯିବ।

9.ନିଲାମଧାରୀ OMMC Rule 2016 ର ନିୟମ-33(1-29)ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

10.ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟ ର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ।

11. ନିଲାମଧାରୀ ଉତ୍ପାଦିତ ଲଘୁଖଣିଜଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରି ପାରିବେ ନାହିଁ ।

12. ନିଲାମଧାରୀ ଜମା ରୟାଲିଟି ୨% ଆୟକର ବାବଦକୁ Lease Deed ସମ୍ପାଦନ କରିବା ପୂର୍ବରୁ ଟ୍ରେଜେରୀ ଚାଲାଣ ଆକାର ରେ ଜମା କରିବେ ଏବଂ ତାହାର ରସିଦ ଦାଖଲ କରିବେ ।

13. ଲିଜଧାରୀ Mines Act- 1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ।

14. ଲିଜଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଙ୍କ ପାଖରୁ Consent to establish & consent to Operate ନିଜ ଖର୍ଚ୍ଚ ରେ ଲିଜ ଅଗ୍ରିମେଣ୍ଟ ପୂର୍ବରୁ ଦାଖଲ କରିବେ।

15. ଲିଜ ରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଉକ୍ତ ଉସ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ସୈରାତ ଚଳାଇବା ସମ୍ପର୍କ ରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ , ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

16. ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ନିଲାମଧାରୀ ପଇଠ କରିବେ ।

17 . ନିଲାମଧାରୀଙ୍କୁ (Successful Bidder ) Lease Deed ସମ୍ପାଦନ କରିବା ପୂର୍ବରୁ Mining plan ଓ Environment clearance ପ୍ରସ୍ତୁତି ବାବଦ ସମସ୍ତ ଖର୍ଚ୍ଚ Competent Authority(ତହସିଲଦାର) ଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହେବ ।

18. ଯଦି ନିଲାମଧାରୀ ନିର୍ଦ୍ଧାରିତ ଲିଜ ଅବଧି ମଧ୍ୟରେ ଲିଜ ବାବଦକୁ ଥିବା ସମସ୍ତ ଦେୟ ଦେବାରେ ଖିଲାପ କରନ୍ତି ସେ ବାବଦକୁ ବାର୍ଷିକ ୨୪% (Simple Interest rate) ହାରରେ ତାଙ୍କ ପାଖରୁ ଆଦାୟ କରାଯିବ।

10/9/2020

ତହସିଲଦାର,କିଶନନଗର

# ସୈରାତ ଉତ୍ସ ଗୁଡିକର ବିବରଣୀ

Annexure-I

| କ୍ରମିକ ସଂଖ୍ୟା | କେଶ ନମ୍ବର | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା ନମ୍ବର | ଖସଡା | ରକବା (ହେକ୍ଟର) | ସର୍ବନିମ୍ନ ବାର୍ଷିକ ଥିବା ଖଣିଜ ପଦାର୍ଥର ପରିମାଣ (ଘନ ମିଟର) | ଅତିରିକ୍ତ ମୂଲ୍ୟ (ଘନ ମିଟର ପ୍ରତି) | ରୟାଲିଟି (ଘନ ମିଟର ପ୍ରତି) | ଅମାନତ ପରିମାଣ |
|---|---|---|---|---|---|---|---|---|---|---|
| ୧ | ୩/୨୦୨୦-୨୧ | କିଶନନଗର ଥାନଗଡା ମହାନଦୀ ବାଲିଖାଦାନ | କିଶନନଗର | ୪୦୦ | ୧ | ୫.୦୦ | ୧୫୦୦୦ | ଟ.୧୧.୦୦ | ଟ.୩୫.୦୦ | ଟ ୩୪୫୦ |
| ୨ | ୧୧/୨୦୨୦-୨୧ | ଖୋଣ୍ଠାଳ ମହାନଦୀ ବାଲିଖାଦାନ | ଖୋଣ୍ଠାଳ | ୧୮୮ | ୧ | ୫.୦୦ | ୧୦୫୦୦ | ଟ.୧୧.୦୦ | ଟ.୩୫.୦୦ | ଟ ୨୪୧୫ |
| ୩ | ୧୪/୨୦୨୦-୨୧ | ଗୁଆଳି ମହାନଦୀ ବାଲିଖାଦାନ | ଗୁଆଳି | ୧୦୫୧ | ୧୬୧୫ | ୫.୦୦ | ୨୮୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ.୬୪୪ / |
| ୪ | ୨୦/୨୦୨୦-୨୧ | ବାବୁଜଙ୍ଗ ମହାନଦୀ ବାଲିଖାଦାନ | ବାବୁଜଙ୍ଗ | ୮୧୭ | ୧୬୭୬ | ୫.୦୦ | ୧୦୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ୨୩୦ - |
| ୫ | ୨୧/୨୦୨୦-୨୧ | ବାରଦା ମହାନଦୀ ବାଲିଖାଦାନ | ବାରଦା | ୧୨୧୩ | ୨ | ୫.୦୦ | ୧୫୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ୩୪୫ - |
| ୬ | ୩୦/୨୦୨୦-୨୧ | ମହମ୍ମଦପୁର ଚିତ୍ରୋତ୍ପଳା ବାଲିଖାଦାନ | ମହମ୍ମଦପୁର | ୭୭୩ | ୧ | ୫.୦୦ | ୧୧୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ୨୫୩ - |
| ୭ | ୩୩/୨୦୨୦-୨୧ | ମୁର୍କୁଣ୍ଡି ଚିତ୍ରୋତ୍ପଳା ବାଲିଖାଦାନ | ମୁର୍କୁଣ୍ଡି | ୫୦୫ | ୧ | ୫.୦୦ | ୧୫୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ୩୪୫ - |
| ୮ | ୩୪/୨୦୨୦-୨୧ | ଦୋନ୍ଦୋ ମହାନଦୀ ବାଲିଖାଦାନ | ଦୋନ୍ଦୋ | ୩୦୩ | ୧୨୩୫ | ୫.୦୦ | ୬୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ୧୩୮ - |
| ୯ | ୩୫/୨୦୨୦-୨୧ | ପୁରୁଣାହାଟ ମହାନଦୀ ବାଲିଖାଦାନ | ପୁରୁଣାହାଟ | ୪୨୩ | ୧୩୯୫, ୧୩୯୫ /୧୪୦୧ | ୫.୦୦ | ୭୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ୧୬୧ - |
| ୧୦ | ୩୬/୨୦୨୦-୨୧ | ଉଭରକୁଳ ଚିତ୍ରୋତ୍ପଳା ବାଲିଖାଦାନ | ଉଭରକୁଳ | ୫୧୬ | ୫୨ | ୫.୦୦ | ୧୫୦୦୦ | ଟ ୧୧.୦୦ | ଟ ୩୫.୦୦ | ଟ୩୪୫ - |

10/9/...

ତହସିଲଦାର,କିଶନନଗର